## ସଂକ୍ଷେପରେ

### ଖେଳକୁଦ, ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଯାପିତ




ଢେଙ୍କାନାଳ ଅଫିସ,୨୫।୧୨: ଢେଙ୍କାନାଳ ଜିଲା ସଦରବ୍ଲକ ଗୋବିନ୍ଦପୁରସ୍ଥିତ ଜୀବନଜ୍ୟୋତି ମାନସିକ ଅନଗ୍ରସର ବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ଖେଳକୁଦ ଓ ସାଂସ୍କୃତିକ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ୩ଦିନିଆ ପ୍ରତିଯୋଗିତାରେ ବିଭିନ୍ନ ଜିଲାରୁ ଆସିଥିବା ୩ଶହରୁ ଊର୍ଦ୍ଧ ଦିବ୍ୟାଙ୍ଗ ପ୍ରତିଯୋଗୀ ଭାଗ ନେଇଥିଲେ। ଜୀବନଜ୍ୟୋତି ଅନୁଷ୍ଠାନର ଆରତି ପୂର୍ତ୍ତୀ ଓ ରାଧୁରାମ ଗାଗାରାଇ ପୁରୁଷ ବିଭାଗରେ ଚମ୍ପିୟାନ ହୋଇ ୬ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ରାଜ୍ୟରେ ବିଭିନ୍ନ ଜିଲାରୁ ଆସିଥିବା ପ୍ରତିଯୋଗୀମାନେ ୧୫ଟି ସ୍ୱର୍ଣ୍ଣ,୧୯ଟି ରୌପ୍ୟ ଓ ୧୦ଟି ବ୍ରୋଞ୍ଜ୍ ପଦକ ଲାଭ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟ ସଭାପତି ଗୋଲକ ବିହାରୀ ସାହୁ, ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାପାତ୍ର ଓ ଇନରହ୍ୱିଲ କ୍ଲବର ସଦସ୍ୟାମାନେ ସହଯୋଗ କରିଥିଲେ।

### ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା

ଢେଙ୍କାନାଳ ଅଫିସ,୨୫।୧୨: ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ଚାଇଁପୁର ପାଟଣା ତୈଳିକ ବୈଶ୍ୟସମାଜ ପକ୍ଷରୁ ସମାଜ ସେବାରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବରିଷ୍ଠ ନାଗରିକ ଚୈତନ୍ୟ ସାହୁ ଏବଂ ବିଶ୍ୱନାଥ ସାହୁଙ୍କୁ ପ୍ରମାଣପତ୍ର ଓ ଉତ୍ତରୀୟ ପ୍ରଦାନ ସହିତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଭାପତି ସୁଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ଏହି ଅବସରରେ ଜନହିତକର କାର୍ଯ୍ୟ କରିବା ପାଇଁ ସମ୍ପାଦକ ଅମର କୁମାର ସାହୁ ଆହ୍ୱାନ ଦେଇଥିଲେ। ତୈଳିକ ସମାଜର ଶତାଧିକ କର୍ମକର୍ତ୍ତା ଏବଂ ସଭ୍ୟ ଯୋଗ ଦେଇଥିଲେ।

### ଦୁର୍ଘଟଣାରେ ଜଣେ ଆହତ

ରାସୋଲ,୨୫।୧୨(ଡି.ଏନ.ଏ): ଢେଙ୍କାନାଳ ଜିଲା ରାସୋଲ ଥାନା ପୁରୁଣା କଟକ-ସମ୍ବଲପୁର ରାସ୍ତାର ଗଣ୍ଡାନାଳୀଠାରେ ବୁଧବାର ସକାଳେ ଏକ ଟ୍ରାଭେରା ଧକ୍କାରେ ସାଇକେଲ ଆରୋହୀ କାହ୍ନୁ ସାହୁ ଆହତ ହୋଇଛନ୍ତି। କାହ୍ନୁଙ୍କ ହାତ ଭାଙ୍ଗି ଯାଇଥିବାରୁ ତାଙ୍କୁ ଆଠଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

■ବଡ଼ଦିନରେ ଜମିଲା ବଣଭୋଜି

# ନାଚ, ଗୀତରେ ସପ୍ତଶଯ୍ୟା ଉତ୍ସବମୁଖର

ଢେଙ୍କାନାଳ ଅଫିସ,୨୫।୧୨

ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଢେଙ୍କାନାଳର ପର୍ଯ୍ୟଟନସ୍ଥଳୀ ସବୁଜିମାମୟ ସପ୍ତଶଯ୍ୟାରେ ବୁଧବାର ବଡ଼ଦିନ ଅବସରରେ ବଣଭୋଜି ବେଶ୍ ଜମିଥିଲା। ଚଳିତବର୍ଷ ବହୁ ସଂଖ୍ୟକ ପର୍ଯ୍ୟଟକ ସପ୍ତଶଯ୍ୟାରେ ଭିଡ଼ ଜମାଇଥିଲେ। ବଣଭୋଜି ସାଙ୍ଗକୁ ସେମାନଙ୍କ ନାଚ, ଗୀତରେ ସପ୍ତଶଯ୍ୟାର ପରିବେଶ ଉତ୍ସବମୁଖର ହୋଇପଡିଥିଲା।

ଚଳିତବର୍ଷ ପର୍ଯ୍ୟଟକଙ୍କ ଭିଡକୁ ନଜରରେ ରଖି ସପ୍ତଶଯ୍ୟା ପଞ୍ଚାୟତ ପକ୍ଷରୁ ବଣଭୋଜି ସ୍ଥଳକୁ ଅଧିକ ସଫାସୁତରା କରାଯିବା ସହ ବହୁ ପିଣ୍ଡି ନିର୍ମାଣ କରାଯାଇଥିଲା। ସେହିପରି ଯାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ବିଶ୍ରାମସ୍ଥଳ କାର୍ଯ୍ୟକ୍ଷମ ହୋଇଥିଲା। ସ୍ୱତନ୍ତ୍ର ଭାବେ ପାର୍କିଂ ବ୍ୟବସ୍ଥା କରାଯାଇଥିଲା। ଫଳରେ ଅଧିକସଂଖ୍ୟାରେ ପର୍ଯ୍ୟଟକ ଆସିଥିଲେ ବି



ବଡ଼ଦିନ ଉପଲକ୍ଷେ ସପ୍ତଶଯ୍ୟାରେ ପର୍ଯ୍ୟଟକଙ୍କ ଗହଳି।

ବଣଭୋଜି ନିମନ୍ତେ କୌଣସି ଅସୁବିଧାର ସମ୍ମୁଖୀନ ହୋଇ ନ ଥିଲେ। ଚଳିତବର୍ଷ ଢେଙ୍କାନାଳ ଓ ଅନୁଗୋଳର ବିଭିନ୍ନ ଅଞ୍ଚଳ ସମେତ ବାରିପଦା, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ଯାଜପୁର, କଟକ, ଖୋର୍ଦ୍ଧା, ବରଗଡ, ସମ୍ବଲପୁର, ବ୍ରହ୍ମପୁର ସହ ପଶ୍ଚିମବଙ୍ଗରୁ ବସ୍ ଏବଂ ଅନ୍ୟ ଗାଡ଼ି ଯୋଗେ ପର୍ଯ୍ୟଟକମାନେ ସପ୍ତଶଯ୍ୟା ଆସିଥିଲେ। ସେହିପରି ବିଭିନ୍ନ ସ୍କୁଲ, କଲେଜ ଛାତ୍ରୀଛାତ୍ର ମଧ ବଣଭୋଜିର ମଜା ନେଉଥିବା ଦେଖାଯାଇଥିଲା। ବଣଭୋଜି କରିବା ସହିତ ଯାତ୍ରୀମାନେ ପାହାଡ ଖୋଲରେ ଥିବା ଶ୍ରୀରଘୁନାଥ ଜୀଉଙ୍କୁ ଦର୍ଶନ କରିଥିଲେ। ସପ୍ତଶଯ୍ୟା ସରପଞ୍ଚ ଜେଶସ୍ ସାହୁ ନିଜେ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷାରେ ସହଯୋଗ କରିଥିଲେ। ପର୍ଯ୍ୟଟକଙ୍କ ଭିଡକୁ ନଜରରେ ରଖି ସଶସ୍ତ୍ର ପୋଲିସ ମଧ ମୁତୟନ କରାଯାଇଥିଲା। ସରପଞ୍ଚ କୁହନ୍ତି ଯେ, ସୋଲାର ବ୍ୟବସ୍ଥା ମାଧ୍ୟମରେ ବିଦ୍ୟୁତ୍ ଯୋଗାଣ ହେଉଛି। କିନ୍ତୁ ଘନ ଜଙ୍ଗଲ ଯୋଗୁ ସୂର୍ଯ୍ୟଙ୍କ କିରଣ ନ ପଡିଲେ ସୋଲାର ବ୍ୟବସ୍ଥା କାମ କରୁନାହିଁ। ତେଣୁ ସ୍ଥାୟୀ ବିଦ୍ୟୁତ୍ ବ୍ୟବସ୍ଥା ସହ ପାନୀୟ ଜଳ ସମସ୍ୟାର ସମାଧାନ କରାଗଲେ ପର୍ଯ୍ୟଟକଙ୍କ ପାଇଁ କୌଣସି ଅସୁବିଧା ରୁହନ୍ତା ନାହିଁ। ବଡଦିନରେ ପ୍ରାୟ ୧୦ ହଜାର ଲୋକଙ୍କ ସମାଗମ ହୋଇଥିବାରୁ ଆସନ୍ତା ରବିବାର ଏବଂ ନୂଆବର୍ଷ ଦିନ ଆହୁରି ଅଧିକ ପର୍ଯ୍ୟଟକଙ୍କ ଭିଡ ହେବାର ସମ୍ଭାବନା ରହିଛି ବୋଲି ସରପଞ୍ଚ ପ୍ରକାଶ କରିଛନ୍ତି।

# ଓଷ୍ଟା ପକ୍ଷରୁ ଜିଲାସ୍ତରୀୟ ଶିଶୁ ଉତ୍ସବ

ଢେଙ୍କାନାଳ ଅଫିସ,୨୫।୧୨

ଢେଙ୍କାନାଳ ଓଷ୍ଟା ପକ୍ଷରୁ ଜିଲାସ୍ତରୀୟ ଶିଶୁ ଉତ୍ସବ ସ୍ଥାନୀୟ ଲକ୍ଷ୍ମୀଧର ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷକ ନେତା ଜମେଶ୍ୱର ପୃଷ୍ଟି, ମୁଖ୍ୟବକ୍ତା ଭାବେ ଦୁର୍ଗାଚରଣ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଅକ୍ରୁର ବିଶ୍ୱାଳ, ଲକ୍ଷ୍ମୀଧର ଆଚାର୍ଯ୍ୟ, ନୀଳମଣି ମହାରଣା, ସାରଙ୍ଗଧର ମିଶ୍ର, କ୍ଷେତ୍ରବାସୀ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଶ୍ରୀରାମ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା ସଭାପତି ଅମ୍ବରିଶ ଶତପଥୀ ଅଧକ୍ଷତା କରିଥିଲେ। ସମ୍ପାଦକ ବିଭୂତି ସାମଲ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ଧଳ ଅତିଥି ପରିଚୟ ଦେଇଥିଲେ। ଯୁଗ୍ମ ସମ୍ପାଦକ ପୀତାମ୍ବର ଦାସ ଓ ସଦାନନ୍ଦ ସାହୁ ସହଯୋଗ କରିଥିଲେ। କବିତା ଲିଖନ ପ୍ରତିଯୋଗିତାରେ ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଏକକ ଅଭିନୟରେ ସାବିତ୍ରୀ ବେହେରା, ଏକକ ନୃତ୍ୟରେ ଦୀପ୍ତିମୟୀ ଦାସ, ବୁଦ୍ଧି ପରୀକ୍ଷାରେ ସାୟନ ମିଶ୍ର, କଣ୍ଠ ସଙ୍ଗୀତରେ ସୁଶ୍ରୀ ଜୟଶ୍ରୀ ପ୍ରିୟଦର୍ଶିନୀ, ଗଳ୍ପ ଲିଖନରେ ପୁଷ୍ପଲତା ବେହେରା, ସାଧାରଣ ଜ୍ଞାନରେ ଦିବ୍ୟଜ୍ୟୋତି ମହାରଣା, ତର୍କରେ ନିବେଦିତା ନାୟକ, ଚିତ୍ରାଙ୍କନରେ ଜ୍ଞାନେନ୍ଦ୍ର ବେହେରା ଓ କବିତା ଆବୃତିରେ ଅଧୀର ପାତିଆ ପ୍ରମୁଖ ପ୍ରଥମ ହୋଇ ଆସନ୍ତା ୨୭ରେ ରାଜ୍ୟସ୍ତରୀୟ ଶିଶୁ ଉତ୍ସବରେ ଯୋଗ ଦେବାକୁ ମନୋନୀତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ସୁଧାନନ୍ଦ ପରିଡା, ମୁଖ୍ୟବକ୍ତା ଭାବେ ବ୍ଲକ ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଧନେଶ୍ୱର ସାହୁ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ମିଶ୍ର, ଉପଦେଷ୍ଟା ସରୋଜକାନ୍ତ ଦାସ ପ୍ରମୁଖ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ପୀତାମ୍ବର ଦାସ ଧନ୍ୟବାଦ ଦେଇଥିଲେ।

■ସର୍ବଭାରତୀୟ ମା'ମଙ୍ଗଳା ବିରାଶାଳ କ୍ରିକେଟ

# ଫାଇନାଲରେ ଭାଇଜାକ ଏକାଡେମୀ



ଖେଳାଳିଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

କାମାକ୍ଷାନଗର,୨୫।୧୨ (ଡି.ଏନ.ଏ.)

ଢେଙ୍କାନାଳ ଜିଲା କଙ୍କଡାହାଡ ବ୍ଲକ ବିରାଶାଳ କଲେଜ ପଡିଆରେ କଳିଙ୍ଗ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨ୟ ସର୍ବଭାରତୀୟ ମା'ମଙ୍ଗଳା ବିରାଶାଳ କ୍ରିକେଟର ପ୍ରଥମ ସେମିଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଶାଖାପାଟଣାର ଭାଇଜାକ କ୍ରିକେଟ ଏକାଡେମୀ ଓ କଟକର ମା'ମଙ୍ଗଳା କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଭାଇଜାକ କ୍ରିକେଟ ଏକାଡେମୀ ପ୍ରଥମେ ବ୍ୟାଟିଂ କରି ୧୮୮ ରନ ସଂଗ୍ରହ କରିଥିଲା। ଜବାବରେ ମା' ମଙ୍ଗଳା କ୍ରିକେଟ ଦଳ ୧୬୧ ରନ କରି ପରାସ୍ତ ହୋଇଥିଲା। ବିଜୟୀ ଦଳର ଗୁଲଫାନ ସଲିମ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ। ସୁରେନ୍ଦ୍ର ସାହୁ, ବିଶ୍ୱଜିତ ମିଶ୍ର ଖେଳ ପରିଚାଳନା କରିଥିଲେ। ବିଭୂକଲ୍ୟାଣ ସେନାପତି, ସନ୍ତୋଷ ବାରିକ, କାହ୍ନୁ ଦାସ ସହଯୋଗ କରିଥିଲେ। ଛାୟାକାନ୍ତ ଦାସ, ରଶ୍ମିରଞ୍ଜନ ବରାଳ ଧାରା ବିବରଣୀ ଦେଇଥିଲେ। ଗୁରୁବାର ପ୍ରତିଯୋଗିତାର ତୃତୀୟ ଲିଗ୍ ମ୍ୟାଚ ନାଗପୁରର କରିମ ସ୍ପୋର୍ଟିଂ ଏବଂ କେନ୍ଦ୍ରାପଡ଼ାର ବାଲାବାବା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି।

### ହାତୀ ଆକ୍ରମଣରେ ଯୁବକ ଗୁରୁତର

ମାଧପୁର,୨୫।୧୨

ଆଠମଲ୍ଲିକ ବ୍ଲକ କିଆକଟା ଥାନା ଥାଟୀମୁଣ୍ଡା ଗ୍ରାମର ଧନେଶ୍ୱର ପ୍ରଧାନ (୪୫) ବୁଧବାର ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ଧାନ ଖଳାରୁ କାମ ସାରି ନିକଟସ୍ଥ ନାଳକୁ ଶୌଚ ପାଇଁ ଯାଉଥିବାବେଳେ ଏକ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଖବରପାଇ କିଆକଟା ଫରେଷ୍ଟର ଲିଙ୍ଗରାଜ ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଏଥିସହିତ ତାଙ୍କୁ ବୌଦ୍ଧ ମେଡିକାଲକୁ ପଠାଇବା ପାଇଁ ବ୍ୟବସ୍ଥା କରିଥିଲେ।

### ଉତ୍କଳ ଭୂମି ପକ୍ଷରୁ ବଡ଼ଦିନ ପାଳିତ

ଢେଙ୍କାନାଳ ଅଫିସ,୨୫।୧୨

ଢେଙ୍କାନାଳ ରଥଗଡାସ୍ଥିତ ଉତ୍କଳ ଭୂମି କାର୍ଯ୍ୟାଳୟ ପରିସରରେ ବୁଧବାର ବଡଦିନ ଉତ୍ସବ ପାଳିତ ହୋଇଯାଇଛି। ଉତ୍କଳ ଭୂମିର ରାଜ୍ୟ ଅଧକ୍ଷ ଆଡଭୋକେଟ୍ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଉତ୍କଳ ଭୂମିର ରାଜ୍ୟ ସମ୍ପାଦକ କବି ବାହାଦୁର ପାଟସାହାଣୀ, ସମାଜବାଦୀ ନେତା ସରୋଜ ଶତପଥୀ, ଦିଲୀପ ନନ୍ଦ, ପରିବେଶବିତ୍ ଉପେନ୍ଦ୍ର ରାଉତ, ଇଂ ଡମ୍ବରୁଧର ପଣ୍ଡା, ପ୍ରଫେସର ତାରା ପ୍ରସନ୍ନ ଶତପଥୀ, ଶିକ୍ଷାବିତ୍ ଦୈତାରୀ ପରିଡା, ଛାତ୍ରନେତା ଧରଣୀଧର ମହାନ୍ତି ଓ ଅଧ୍ୟାପକ କ୍ଷୀରୋଦ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉକ୍ତ ଉତ୍ସବକୁ ପାଳନ କରି ବକ୍ତାମାନେ ସମସ୍ତଙ୍କୁ ବଡ ଦିନର ଶୁଭେଚ୍ଛା ଜଣାଇଥିଲେ।

■ରାଜ୍ୟସ୍ତରୀୟ ଢେଙ୍କାନାଳ ଶିଶୁ ମହୋତ୍ସବ ଉଦ୍‌ଯାପିତ

# ଭବିଷ୍ୟତ ଗଠନରେ ଶିକ୍ଷାନୁଷ୍ଠାନ ଭୂମିକା ଗୁରୁତ୍ୱପୂର୍ଣ୍ଣ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଢେଙ୍କାନାଳ ଅଫିସ,୨୫।୧୨

ଢେଙ୍କାନାଳ ଗୋପବନ୍ଧୁ ଟାଉନ୍‌ହଲ୍‌ଠାରେ ଶନିବାର ଠାରୁ ଆରମ୍ଭ ହୋଇଥିବା ୮ମ ରାଜ୍ୟସ୍ତରୀୟ ଢେଙ୍କାନାଳ ଶିଶୁ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଏବଂ ପ୍ରଫେସର ଡା. ନିହାର ରଞ୍ଜନ ପଟ୍ଟନାୟକ ଯୋଗଦେଇ ପ୍ରତ୍ୟେକ ଶିଶୁର ଆଦର୍ଶ ଭବିଷ୍ୟତ ଗଠନରେ ଶିକ୍ଷାନୁଷ୍ଠାନ ଓ ପିତାମାତାଙ୍କ ଭୂମିକା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ପ୍ରଫେସର ଡ. ପଟ୍ଟନାୟକଙ୍କୁ ଶ୍ରୀଗୁରୁକୁଳ ଆଦର୍ଶ ସମ୍ମାନ ଏବଂ ଏମ୍‌ପି ମହେଶ ସାହୁଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ସ୍ଥିତିପ୍ରଜ୍ଞା ପଟ୍ଟନାୟକ ଏବଂ ସିଦ୍ଧି ସନ୍ତୋଷିନୀଙ୍କୁ ଶିଶୁ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ସାଲେପୁର ବାସିନ୍ଦା ୯ମ ଶ୍ରେଣୀ ଛାତ୍ରୀ ସ୍ୱୟଂପ୍ରଭା ବୈଶାକ୍‌ଙ୍କୁ ପୋଷ୍ୟ ଶିକ୍ଷାର୍ଥୀନୀ ଭାବରେ ଶ୍ରୀଗୁରୁକୁଳ ଶିକ୍ଷାନୁଷ୍ଠାନ ଗ୍ରହଣ କରିଥିଲା। ବିଭିନ୍ନ ଦିବସରେ ଶିଶୁମାନଙ୍କ ମଧ୍ୟରେ ଏକକ ନୃତ୍ୟ, ଗୋଷ୍ଠୀ ନୃତ୍ୟ, କୌତୁକ ପୋଷାକ, ରଙ୍ଗଭରୋ, ହସ୍ତାକ୍ଷର ଲିଖନ, କ୍ରୀଡା ପ୍ରତିଯୋଗିତା ସହ ପ୍ରତ୍ୟେକ ସନ୍ଧ୍ୟାରେ ଆନ୍ତଃ ବିଦ୍ୟାଳୟ ବହୁଭାଷୀ ନାଟକ ପ୍ରତିଯୋଗିତା କରାଯାଇଥିଲା। ସମସ୍ତ ପ୍ରତିଯୋଗୀଙ୍କୁ ଟ୍ରଫି, ପ୍ରଶଂସାପତ୍ର ଏବଂ ତାରା ଉପହାର ଦିଆଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଅନୁଷ୍ଠାନର ସଂଯୋଜିକା ତଥା ଢେଙ୍କାନାଳର ପ୍ରଥମ ମହିଳା ଶିଶୁ ଚଳଚ୍ଚିତ୍ର ଲେଖିକା ଓ ନିର୍ଦ୍ଦେଶିକା ବୀରାଲକ୍ଷ୍ମୀ ରଣାଙ୍କ ପୁସ୍ତକ ''ପଢ ଲେଖ ଓ ଓଡ଼ିଆ ଶିଖ'' ଏବଂ ନିର୍ମାଣ ହେବାକୁ ଥିବା ଶିଶୁ ଚଳଚ୍ଚିତ୍ର 'ଛୋଟୁ'ର ଶୁଭ ଉନ୍ମୋଚନ କରାଯାଇଥିଲା। ଅନୁଷ୍ଠାନର ସଭାପତି ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ, ଶିଶୁ ମହୋତ୍ସବ ସଭାପତି ଗଗନ ବିହାରୀ ନନ୍ଦ ଏବଂ ନିର୍ଦ୍ଦେଶକ ଡ. ଅଜିତ କୁମାର ରଣାଙ୍କ ତତ୍ତ୍ୱାବଧାନରେ କମିଟିର ସଦସ୍ୟ, କର୍ମଚାରୀ ଓ ଅଭିଭାବକମାନେ ସହଯୋଗ କରିଥିଲେ।

■ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

# କାର୍ଯ୍ୟାନୁଷ୍ଠାନ ଦାବିରେ ଅଞ୍ଚଳବାସୀଙ୍କ ରାସ୍ତାରୋକୋ



ଅଞ୍ଚଳବାସୀ ମୃତଦେହ ରଖି ରାସ୍ତାରୋକୋ କରିଛନ୍ତି।

ଢେଙ୍କାନାଳ ଅଫିସ,୨୫।୧୨

ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସାଧୀନ ଥିବା ସଞ୍ଜୟ ନାୟକ(୨୭)ଙ୍କ ମୃତ୍ୟୁ ପରେ ଘଟଣାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବିରେ ବୁଧବାର ଅପରାହ୍ନ ୩ଟାରେ ଢେଙ୍କାନାଳ ଜିଲା ସଦରଥାନା ମଙ୍ଗଳପୁର ଛକଠାରେ ଅଞ୍ଚଳବାସୀ ରାସ୍ତାରୋକୋ କରିଥିଲେ। ଫଳରେ ଢେଙ୍କାନାଳ-ଭାପୁର ରାସ୍ତାରେ ଦୀର୍ଘସମୟ ଧରି ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା।

ଘଟଣାରୁ ଜଣାପଡିଛି ଯେ, ମଙ୍ଗଳପୁର ଗ୍ରାମର ସଞ୍ଜୟ ନାୟକ ଗତ ୨୩ ତାରିଖରେ ବାଲ୍ୟାମ୍ବାରୁ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଲମ୍ବୋଦରପୁର ଛକରେ ଠିଆ ହୋଇଥିଲେ। ଏହି ସମୟରେ ଦ୍ରୁତଗତିରେ ଆସୁଥିବା ଏକ ମିନିଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ହେଲେ କଟକଠାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସନ୍ଧ୍ୟା ୫ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ବୁଧବାର ଅପରାହ୍ନରେ ମରଶରୀର ଘରେ ପହଞ୍ଚିବା ପରେ ଅଞ୍ଚଳବାସୀ ଦୁର୍ଘଟଣାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବିରେ ରାସ୍ତା ଉପରେ ମୃତଦେହ ରଖି ଆନ୍ଦୋଳନ କରିଥିଲେ। ଖବରପାଇ ସଦରଥାନା ଅଧିକାରୀ ସନ୍ଧ୍ୟାରାଣୀ ବେଉରିଆଙ୍କ ସମେତ ପୋଲିସ ପହଞ୍ଚି ବୁଝାଶୁଝା କରିବା ସହିତ ରେଡକ୍ରସ ପାଣ୍ଠିରୁ ସହାୟତା ଦେବା ପରେ ପରିସ୍ଥିତି ନିୟନ୍ତ୍ରଣ ହୋଇଥିଲା।

■ଜାତୀୟ ବହୁଭାଷୀ ନାଟ୍ୟ ମହୋତ୍ସବ ଉଦ୍‌ଘାଟିତ

# ପରିବାର ଯୋଡ଼ିଲା 'ଆପଣ ଯାହା ଚାହୁଁଥିଲେ'

ଢେଙ୍କାନାଳ ଅଫିସ,୨୫।୧୨

ଢେଙ୍କାନାଳର ନାଟ୍ୟ ଅନୁଷ୍ଠାନ କଳାପରିଷଦ ପକ୍ଷରୁ ସ୍ଥାନୀୟ ମିନି ଷ୍ଟାଡିୟମସ୍ଥିତ ଗଜଲକ୍ଷ୍ମୀ କଳାମଣ୍ଡପଠାରେ ଜାତୀୟ ବହୁଭାଷୀ ନାଟ୍ୟ ମହୋତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହା ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ସନ୍ଧ୍ୟାରେ ଆୟୋଜକ କଳାପରିଷଦ ଅନୁଷ୍ଠାନ ପକ୍ଷରୁ ଭାଙ୍ଗି ଯାଇଥିବା ପରିବାରକୁ ଯୋଡିବାର କାହାଣୀକୁ ନେଇ ଏକ ହାସ୍ୟ ରସାତ୍ମକ ନାଟକ 'ଆପଣ ଯାହା ଚାହୁଁଥିଲେ' ମଞ୍ଚସ୍ଥ ହୋଇଥିଲା। ନାଟ୍ୟକାର ଶୈଳେଶ ଗୁହନିୟୋଗୀଙ୍କ ଦ୍ୱାରା ରଚିତ ଏହି ନାଟକକୁ ରୂପାନ୍ତର ପ୍ରଦାନ କରିଥିଲେ ଦିଲ୍ଲୀଶ୍ୱର ମହାରଣା। ଏହାର ନିର୍ଦ୍ଦେଶନା ଦେଇଥିଲେ ଶତ୍ରୁଘ୍ନ ମାଟି।



ନାଟକର ଏକ ଦୃଶ୍ୟ।

ଯୁଧିଷ୍ଠିର, ଭୀମ, ନକୁଳ ଓ ସହଦେବ ଚାରିଭାଇ। ସମସ୍ତେ ଚାକିରିଆ ଏବଂ ଅବିବାହିତ। ଫଳରେ ସେମାନେ ନିଜ ଚାକର କାନ୍ତ ଉପରେ ନିର୍ଭରଶୀଳ। ବଡ ଭାଇଙ୍କ ବିବାହ ବୟସ ଅତିକ୍ରାନ୍ତ ହୋଇଥିଲେ ମଧ ସେ ବିବାହ କରି ନ ଥିବାରୁ ଅନ୍ୟମାନେ ମଧ ଅବିବାହିତ। ସାନ ତିନିଭାଇଙ୍କ ରୁଚି ଭିନ୍ନ ହୋଇଥିବାରୁ ସେମାନେ ବଡଭାଇଙ୍କ ପାଇଁ ନିଜ ନିଜ ରୁଚି ମୁତାବକ କନ୍ୟା ଠିକ୍ କରି ନିଅନ୍ତି। କିନ୍ତୁ ବଡଭାଇ ଅଚାନକ ଗୋପନରେ ଜଣଙ୍କୁ ବିବାହ କରି ଘରକୁ ନେଇଆସନ୍ତି। ଏହାକୁ ନେଇ ଭାଇମାନଙ୍କ ମଧ୍ୟରେ ବିବାଦ ଦେଖାଦିଏ ଓ ଘର ଦୁଇଭାଗ ହୋଇଯାଏ। ଗୋଟିଏ ପଟରେ ଯୁଧିଷ୍ଠିର ଓ ତାଙ୍କ ସ୍ତ୍ରୀ ଛନ୍ଦା ରହୁଥିବାବେଳେ ଅନ୍ୟପଟରେ ସାନ ତିନିଭାଇ ରୁହନ୍ତି। ଏଭଳି ସ୍ଥିତିରେ ବଡ ଭାଉଜ ଛନ୍ଦା ନିଜର ପ୍ରତିଭା ବଳରେ ପୁଣି କିପରି ସବୁ ଭାଇଙ୍କୁ ଏକାଠିକରି ଭାଙ୍ଗି ଯାଇଥିବା ପରିବାରକୁ ଯୋଡି ଦିଅନ୍ତି ତାହା ହିଁ ହେଉଛି ହାସ୍ୟ ରସଭରା ନାଟକ 'ଆପଣ ଯାହା ଚାହୁଁଥିଲେ'ର କଥାବସ୍ତୁ। ଏଥିରେ ବିଭିନ୍ନ ଭୂମିକାରେ ଶଶିକାନ୍ତ ପାଣି, ଅଶୋକ ଦାସ, ପ୍ରବୀର ମହାନ୍ତି, ବିନୋଦ ମହାନ୍ତି, ମନୋରଞ୍ଜନ ସିଂହ, ମନ୍ମଥ ପଟ୍ଟନାୟକ, ଇନ୍ଦ୍ରମଣି ବେହେରା, କିଶୋର ରାଉତ, ଅମ୍ବିକାପ୍ରସାଦ ପଟ୍ଟନାୟକ, ଶତ୍ରୁଘ୍ନ ମାଟି, କନିଶ୍ ଫାତ୍‌ମା ପ୍ରମୁଖ ଅଭିନୟ କରିଥିଲେ। ସଙ୍ଗୀତ ସଜାଇଥିଲେ ମଣ୍ଟୁ ଓ ପୁଣ୍ଟୁ। ମଞ୍ଚ ପରିଚାଳନା କରିଥିଲେ ସୁରେଶ ମିଶ୍ର ଓ ଦ୍ୱିତୀକୃଷ୍ଣ ମଲିକ। ସେଟ୍ ସଜାଇଥିଲେ ପ୍ରୀବର ମହାନ୍ତି ଓ ବିନୋଦ ମହାନ୍ତି। ପ୍ରାରମ୍ଭରେ ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲିକ ମୁଖ୍ୟ ଅତିଥି, ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ଦିଲ୍ଲୀଶ୍ୱର ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ଜୟନ୍ତ ବର୍ମା ଉପସ୍ଥିତ ଥିଲେ। ଗୁରୁବାର ପଞ୍ଚମବେଦ ଭୁବନେଶ୍ୱର ପକ୍ଷରୁ ଓଡିଆ ନାଟକ ପୁତ୍ରପୂଜା ମଞ୍ଚସ୍ଥ ହେବ।

## ସଂକ୍ଷେପରେ

### ଯୁବକଙ୍କୁ ଆକ୍ରମଣ ଅଭିଯୋଗ

**ବଇଣ୍ଡା,୨୫।୧୨(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପାଇକସାହି ହାଟପଦା ନିକଟରେ ସୋମବାର ସନ୍ଧ୍ୟାରେ ତାଲବାହାଲୀ ଗ୍ରାମର କ୍ଷୀରୋଦ ସାହୁଙ୍କୁ ପାଇକସାହି ଗ୍ରାମର ରଥିଆ ମୁଦୁଲି ଓ ତାଙ୍କ ପୁଅ ଶୀତୁ ମୁଦୁଲି ଆକ୍ରମଣ କରିଥିବା ମଙ୍ଗଳବାର କ୍ଷୀରୋଦଙ୍କ ବାପା ନିତ୍ୟାନନ୍ଦ ସାହୁ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୧୪୨/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, କ୍ଷୀରୋଦ ସୋମବାର ସନ୍ଧ୍ୟାରେ ପାଇକସାହି ହାଟପଦା ଅଞ୍ଚଳକୁ ସଉଦା ପାଇଁ ଆସିଥିବାବେଳେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ତାଙ୍କୁ ରଥିଆ ଓ ଶୀତୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ମଦ୍ୟପ ଚାଳକ ଗିରଫ

**ବଇଣ୍ଡା,୨୫।୧୨(ଡି.ଏନ.ଏ.):** ଠାକୁରଗଡ଼ ପୋଲିସ ବୁଧବାର ଠାକୁରଗଡ଼ ଲକ୍ଷ୍ମୀବଜାରଠାରୁ ମଦ୍ୟପାନ କରି ଗାଡ଼ି ଚଲାଉଥିବା ଅଭିଯୋଗରେ କୁତୁଲିସିଙ୍ଗା ଗ୍ରାମର ଇନ୍ଦ୍ରମଣି ପ୍ରଧାନଙ୍କୁ ଗିରଫ କରିଛି। ଏଥିସହ ତାଙ୍କଠାରୁ ଏକ ବାଇକ୍ (ନଂ.ଓଆର୧୫ଏଚ-୧୭୪୯) ଜବତ କରାଯାଇଛି। ସେହିପରି ଠାକୁରଗଡ଼ ଥାନା ନାକିଚିରୋଡ ନିକଟରେ ଗାଡ଼ି ମୋଟର ଯାଞ୍ଚ ବେଳେ ୧୨ଟି ମାମଲା ରୁଜୁ କରାଯାଇ ୬ ହଜାର ଟଙ୍କା ଆଦାୟ କରାଯାଇଛି। ଠାକୁରଗଡ଼ ଥାନା ସେକେଣ୍ଡ ଅଫିସର ସୁରେଶଚନ୍ଦ୍ର ବେହେରା ଏହି ଯାଞ୍ଚ କରିଥିଲେ।

### ତାଲା ଭାଙ୍ଗି ଘରୁ ଚୋରି

**ବଅାଁରପାଳ,୨୫।୧୨(ଡି.ଏନ.ଏ.):** ବଅାଁରପାଳ ଥାନା ସନ୍ତ୍ରୀ ଛକଠାରେ ରହୁଥିବା ମାନସ ପତିଙ୍କ ଘରୁ ମଙ୍ଗଳବାର ରାତିରେ ଚୋରି ହୋଇଛି। ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଭିତରେ ପଶିବା ସହ ଗଡରେଜ ତାଡି ସୁନାଗହଣା, ୫ ହଜାର ଟଙ୍କା ସମେତ କେତେକ ଆସବାବପତ୍ର ନେଇ ଯାଇଛନ୍ତି। ଘର ନିକଟରେ ଥିବା ଏକ ବାଇକ୍‌କୁ ଚୋରି ଉଦ୍ୟମ କରୁଥିବାବେଳେ ଲୋକେ ଉଠିପଡିବାରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଏ ନେଇ ମାନସ ବଅାଁରପାଳ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### କଣ୍ଠଶିଳ୍ପୀ ଗିରିଜା ଭୂଷଣ ସମ୍ମାନିତ



**ତାଲଚେର,୨୫।୧୨(ନି.ପ୍ର.):** ତାଲଚେରର ଶିଶୁ କଣ୍ଠଶିଳ୍ପୀ ଗିରିଜା ଭୂଷଣ ସ୍ୱାଇଁଙ୍କୁ ରାଜ୍ୟ କଳା ଗବେଷଣା କେନ୍ଦ୍ର କଟକ ପକ୍ଷରୁ ଉତ୍କଳ ସନ୍ତାନ ସମ୍ମାନରେ ସମ୍ମାନିତ କରାଯାଇଛି। ଏକ ବର୍ଣ୍ଣାଢ୍ୟ ସମାବେଶରେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ଜଷ୍ଟିସ ଏସ୍. ନାଇଡୁ, ଡି.ପି. ଚୌଧୁରୀ, କାଶୀନାଥ ପାଣିଗ୍ରାହୀ, ସତ୍ୟ ରାୟ, ଲୋକ ସେବକ ମଣ୍ଡଳର ସଦସ୍ୟ କିଶୋର ଚନ୍ଦ୍ର ତ୍ରିପାଠୀ, ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରୀତିମୋହନ ପତ୍ରି, ଡ.ଗୋପାଳ କର ପ୍ରମୁଖ ଗିରିଜାଙ୍କୁ ମାନପତ୍ର, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିନୋଦିନୀ ସ୍ୱାଇଁ ଓ ଗୁଣନିଧି ସ୍ୱାଇଁଙ୍କ ପୁତ୍ର ଗିରିଜା ଏବେ ଡିଏଭି ଥର୍ମାଲରେ ଦଶମ ଶ୍ରେଣୀର ପଢୁଛନ୍ତି।

### ଜାତୀୟ ଉପଭୋକ୍ତା ଦିବସ ପାଳିତ

**ଅନୁଗୋଳ ଅଫିସ, ୨୫।୧୨:** ଅନୁଗୋଳ ଜିଲାର ପିଟିସି ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଜାତୀୟ ଉପଭୋକ୍ତା ଦିବସ ପାଳିତ ହୋଇଯାଇଛି। ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା। ଜିଲା ଯୋଗାଣ ଅଧିକାରୀ ଉମାକାନ୍ତ ପତି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟତମ ବକ୍ତା ଭାବେ ସହକାରୀ ଯୋଗାଣ ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟତମ ଅତିଥି ସହକାରୀ ନିୟନ୍ତ୍ରକ ଶ୍ରୀନିବାସ ଚନ୍ଦ୍ରପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ପଟ୍ଟନାୟକ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ମାତୃ ଆଲୋକର ସଭାପତି କେଦାର ବିଶୋଇ ସଭା ପରିଚାଳନା କରିଥିଲେ। ରାଜ୍ୟ ଉପଭୋକ୍ତା ମହିଳା ସୁରକ୍ଷା ମହାସଂଘ ସଭାପତି ମମତା ଆଚାର୍ଯ୍ୟ ଧନ୍ୟବାଦ ପ୍ରଦାନ କରିଥିଲେ।

■ଜଙ୍ଗଲ ଜମିରେ ଚାଲିଛି ବେଆଇନ ଗଞ୍ଜେଇ ଚାଷ

# ଅମଳ ପାଇଁ ଗଞ୍ଜେଇପଦାରେ ଟଣାହେଲାଣି ତମ୍ବୁ

**ବଇଣ୍ଡା,୨୫।୧୨(ପରିକ୍ଷିତ ସାହୁ)**



ଜଙ୍ଗଲ ମଧ୍ୟରେ କରାଯାଇଥିବା ଗଞ୍ଜେଇ ଚାଷ।

■୫ ବର୍ଷରେ ନଷ୍ଟ କରାଯାଇଛି ୨ କୋଟି ଗଛ

■ଗିରଫ ହୋଇଛନ୍ତି ୩୬ ଜଣ ଚାଷୀ

■୪୮ ଜଣଙ୍କ ନାମରେ ହୋଇଛି ମାମଲା

ଅନୁଗୋଳ ଜିଲା କିଶୋରନଗର ବ୍ଲକର ହଣ୍ଡପା ଓ ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ଇଲାକାର ଅନେକ ସରକାରୀ ଜଙ୍ଗଲ ଜମିରେ ବେଆଇନ ଭାବେ କରାଯାଇଛି ଗଞ୍ଜେଇ ଚାଷ। ପ୍ରତିବର୍ଷ ବନ ବିଭାଗ ଓ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ଗଛସବୁ କାଟି ନଷ୍ଟ କରାଯାଉଥିଲେ ବି ଚାଷ ପରିମାଣ ହ୍ରାସ ପାଉନାହିଁ। ଗତ ୫ ବର୍ଷ ମଧ୍ୟରେ ଏଠାରୁ ୨ କୋଟି ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ୩୬ ଚାଷୀଙ୍କୁ ଗିରଫ କରାଯିବା ସହ ୪୮ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଛି। କିନ୍ତୁ ଭଲ ଲାଭ ମିଳୁଥିବାରୁ ଏହି ଚାଷରୁ ସମ୍ପୃକ୍ତ ଚାଷୀମାନେ ବିମୁଖ ହେଉ ନ ଥିବା ବେଳେ ବନ ବିଭାଗ ଓ ପୋଲିସର ଢିଲା ପାଟ୍ରୋଲିଂ ଏଥିରେ ସହାୟକ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ଏବେ ଅମଳ ସମୟ ହୋଇଯାଇଥିବାରୁ ଅନେକ ଚାଷୀ ଗଞ୍ଜେଇ ପଦାରେ ତମ୍ବୁ ଟାଣିସାରିଥିବା କେତେକ ଗ୍ରାମବାସୀ କହିଛନ୍ତି।

ପ୍ରକାଶ ଯେ, ଏହି ଥାନା ଅଞ୍ଚଳର ସରକାରୀ ଜଙ୍ଗଲ ଜମିକୁ ଗଞ୍ଜେଇ ଚାଷୀ ଓ ଏହାର ବ୍ୟବସାୟୀମାନେ ଦୀର୍ଘବର୍ଷ ହେବ ଟାର୍ଗେଟ କରି ଆସୁଛନ୍ତି। ବିଶେଷକରି ହଣ୍ଡପା ଥାନାର ମାମୁରିଝରଣ, ଉଡଲ, ହଗିରିନାଳ, ଟକବା, ମଧପୁର, ଜୟଗଡ, କୁଣ୍ଡଳୀ, ଉଞ୍ଚବାଲି, ପୁରୁଣାପାଣି, ଭାଜନପାଳ, ହିଞ୍ଜିରିଡା, ଗୁଣ୍ଡୁରୀଝରଣ, ବାଲିଆମ୍ବ, ଚାରଖମଣ, ଠାକୁରଗଡ ଥାନା ଅଞ୍ଚଳରେ ଥିବା ଲକ୍ଷ୍ମୀପୁରୁ, ଘଟି ଟେଣ୍ଟୁଲୀ, ରାଇନାଳି, କଂସାବ, କୋରାବ, ଝାଟିକିବାହାଳ, ଖଳିତଇଲା, ବିପ୍ରତିଥି ଆଦି ଅଞ୍ଚଳର ଜଙ୍ଗଲିଆ ସରକାରୀ ଜମିରେ ଏହି ଚାଷ ବହୁମାତ୍ରାରେ କରାଯାଉଥିବା ଅଭିଯୋଗ ହେଉଛି। ଘଞ୍ଚ ଜଙ୍ଗଲ ତଥା ଅପହଞ୍ଚ ଇଲାକା ଯୋଗୁ ଏହା ଚାଷୀମାନଙ୍କୁ ସୁହାଉଛି। ଅଗଷ୍ଟ ମାସରେ ଚାରା ରୋପଣ କରାଯାଇ ଥିବାବେଳେ ଏବେ ତାହା ପାକଳ ହେବାକୁ ବସିଲାଣି। ୨୦୧୪ରେ ଏହି ଦୁଇ ଥାନା ଅଞ୍ଚଳରେ ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ୫୨ଲକ୍ଷ ୧୦ ହଜାର ଗଛ ନଷ୍ଟ କରାଯାଇଥିଲା। ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ୬ ଜଣଙ୍କୁ ଗିରଫ କରାଯିବା ସହ ୩୧ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଥିଲା। ୨୦୧୫ରେ ୫୯ ଲକ୍ଷ ୨୦ ହଜାର ୭ ଶହ ଗଞ୍ଜେଇ ଗଛ ନଷ୍ଟ କରାଯିବା ସହ ୧୦ ଜଣଙ୍କୁ ଗିରଫ କରାଯାଇଥିଲା। ୨୦୧୬ରେ ୬୦ ଲକ୍ଷ ୩୦ ହଜାର ଗଛ ନଷ୍ଟ କରାଯିବା ସହ ୧୨ ଜଣଙ୍କୁ ଗିରଫ ଓ ୧୭ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଥିଲା। ୨୦୧୭ରେ ୩୦ ଲକ୍ଷ ୬ହଜାର ଗଛ ନଷ୍ଟ କରାଯିବା ସହ ୩ ଜଣଙ୍କୁ ଗଞ୍ଜେଇ ଚାଷ କରିବା ଅଭିଯୋଗରେ ଗିରଫ କରାଯାଇଥିଲା। ୨୦୧୮ରେ ୨୦ ଲକ୍ଷ ୫୯ ହଜାର ଗଛ ନଷ୍ଟ କରାଯାଇ ୫ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଥିଲା। ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଗଛ ନଷ୍ଟ ସହ ଗିରଫ କରାଯାଉଥିଲେ ମଧ୍ୟ ଚାଷୀ ଓ ବେପାରୀଙ୍କ ଉପରେ ଏହାର ପ୍ରଭାବ ପଡୁନାହିଁ ବୋଲି ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ଗଞ୍ଜେଇ ଚାଷରେ ଭଲ ଲାଭ ମିଳୁଥିବା ଯୋଗୁ ଏପରି ବେଆଇନ ଚାଷକୁ ଲୋକେ ସହଜରେ ଛାଡ଼ି ପାରୁନାହାନ୍ତି। ବିଶେଷକରି ଜୁଲାଇ ଓ ଅଗଷ୍ଟ ମାସରେ ରାଜ୍ୟ ବାହାର ଅଞ୍ଚଳରୁ ଗଞ୍ଜେଇ ବ୍ୟବସାୟୀମାନେ ଆସି ଅଞ୍ଚଳର କେତେଜଣ ଗଞ୍ଜେଇ ଚାଷୀଙ୍କୁ ସାର ବିହନ ପାଇଁ ମୋଟା ଅଙ୍କର ଅର୍ଥ ଦେଇ ଯାଉଛନ୍ତି। ଏହାପରେ ଅମଳ ସମୟରେ ଆସି ତାହାକୁ ଟ୍ରେନ୍ ମାଧ୍ୟମରେ ବାହାର ରାଜ୍ୟକୁ ଚାଲାଣ କରୁଛନ୍ତି। ଘଞ୍ଚ ଜଙ୍ଗଲ ସହ ମାଓବାଦୀ ଚଳପ୍ରଚଳ ଓ ହାତୀ ଉପଦ୍ରବ ଅଞ୍ଚଳ ହୋଇଥିବା ବେଳେ ବନ ବିଭାଗ ପକ୍ଷରୁ ଏଠାରେ ଠିକ୍ ଭାବେ ପାଟ୍ରୋଲିଂ କରାଯାଉ ନାହିଁ। ଫଳରେ ନିରାପଦରେ ଏସବୁ ସ୍ଥାନରେ ଗଞ୍ଜେଇ ଚାଷ କରାଯାଉଛି। କିଛିମାସ ପରିଶ୍ରମରେ ଲକ୍ଷାଧିକ ଟଙ୍କା ରୋଜଗାର ହେଉଥିବାରୁ ଏହି ଚାଷ ବନ୍ଦ ହୋଇପାରୁନାହିଁ ବୋଲି କେତେଜଣ ଗ୍ରାମବାସୀ ନାମ ଗୋପନ ରଖି କହିଛନ୍ତି। ଅମଳ ସମୟ ପାଖେଇ ଆସୁଥିବା ଯୋଗୁ ଅନେକ ଗଞ୍ଜେଇ ପଦାରେ ଏହି ଚାଷୀମାନେ ତମ୍ବୁଟାଣି ରାତ୍ରିଯାପନ କରୁଥିବା ଜଣାପଡ଼ିଛି। ତୁରନ୍ତ ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

ଏ ସମ୍ପର୍କରେ ଆଠମଲ୍ଲିକ ଅବକାରୀ ବିଭାଗ ଉପନିରୀକ୍ଷକ ପ୍ରଫୁଲ୍ଲ କୁମାର ପତି କହିଛନ୍ତି, ଗଞ୍ଜେଇ ଚାଷ ନେଇ ସୂଚନା ପାଇଲେ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇ ନଷ୍ଟ କରାଯାଉଛି। ହଣ୍ଡପା ରେଞ୍ଜର ଚୈତନ୍ୟ ବେହେରା କହିଛନ୍ତି, ଯେଉଁ ଜଙ୍ଗଲରେ ଚାଷ ହୋଇଥିବା ଜାଣିଥିଲୁ ସେଠାରେ ଗଛ ଗୁଡ଼ିକ ଛୋଟ ଛୋଟ ଥିବାବେଳେ କାଟି ନଷ୍ଟ କରି ଦେଇଛୁ।

## ବାଇକ୍‌କୁ ଧକ୍କା ଦେଲା ଟାଟାଏସି, ୨ ମୃତ

**ମାଧପୁର/ଆଠମଲ୍ଲିକ,୨୫।୧୨**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ମାଧପୁର-ବାମୁର ରାସ୍ତାର ନୂଆଗାଁ ନୂଆସାହି ନିକଟରେ ବୁଧବାର ଏକ ଟାଟାଏସି ଧକ୍କା ଦେବାରୁ ବାଇକ୍‌ରେ ବସିଥିବା ୩ଜଣଙ୍କ ମଧ୍ୟରୁ ୨ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ଠାକୁରଗଡ଼ ଥାନା ଆମ୍ବସରମୁଣ୍ଡା ପଞ୍ଚାୟତ ତାଳମଳିହା ଗ୍ରାମର ଚିତ୍ତରଞ୍ଜନ ସାହୁ ଓ ହଣ୍ଡପା ଥାନା କଟରଙ୍ଗା ପଞ୍ଚାୟତ ଆମ୍ବମୁଣ୍ଡାର ବିକାଶ ସାହୁ। ଆହତ ସୁଜିତ ପ୍ରଧାନଙ୍କୁ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି।

ଚିତ୍ତରଞ୍ଜନ, ବିକାଶ ଏବଂ ସୁଜିତ୍ ମାନଜୋର ଡ୍ୟାମ୍‌କୁ ଭୋଜି କରିବା ପାଇଁ ଆସିଥିଲେ। ସେମାନେ ମସଲା ଗ୍ରାଇଣ୍ଡିଂ ପାଇଁ ମାଧପୁର ଆସି ବାଇକ୍‌ରେ ଫେରୁଥିବା ବେଳେ ଏକ ଟାଟାଏସି ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଚିତ୍ତରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ବିକାଶ ଏବଂ ସୁଜିତଙ୍କୁ ଆଠମଲ୍ଲିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ବିକାଶଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଆଠମଲ୍ଲିକ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଏ ନେଇ ନଂ. ୧୪୬/୧୯ରେ ଏକ ମାମଲା ରୁଜୁ ହୋଇଛି।

## ବାଜପେୟୀଙ୍କ ଜୀବନୀ ଉପରେ ଆଲୋକପାତ



ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ବଇଣ୍ଡା,୨୫।୧୨(ଡି.ଏନ.ଏ.)**

ବଇଣ୍ଡାସ୍ଥିତ ଭାଜପା କାର୍ଯ୍ୟାଳୟଠାରେ ବୁଧବାର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୯୫ ତମ ଜୟନ୍ତୀ ପାଳିତ ହୋଇଯାଇଛି। ମଣ୍ଡଳ ସଭାପତି ଯଶୋବନ୍ତ ସାହୁଙ୍କ ସଭାପତିତ୍ୱରେ ଅତିଥି ଭାବେ ଜାମୁନାଳୀ ସରପଞ୍ଚ ସ୍ୱୟଂମ୍ବର ପ୍ରଧାନ, ବିଲେଇନାଳୀ ସରପଞ୍ଚ ନବକିଶୋର ସାହୁ, କୃଷ୍ଣଚନ୍ଦ୍ର ସାହୁ, ଲୁଲୁ ସାହୁ, ଆଶିଷ ବେହେରା, ବିଜୟ ସାହୁ ପ୍ରମୁଖ ଯୋଗଦେଇ ବାଜପେୟୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସେହିପରି କିଶୋରନଗର ବରପଡ଼ିଆଠାରେ ଭାଜପା ପକ୍ଷରୁ ବାଜପେୟୀଙ୍କ ୯୫ ତମ ଜୟନ୍ତୀ ପାଳିତ ହୋଇଛି। ଜିଲା ପରିଷଦ ସଦସ୍ୟ ବଂଶୀଧର ସେଠୀଙ୍କ ସମେତ ବହୁ ଭାଜପା କର୍ମୀ ଯୋଗ ଦେଇଥିଲେ।

## କାର୍ ଉପରେ ତାଳଗଛ ପଡ଼ି ୩ ଆହତ

**ଅନୁଗୋଳ ଅଫିସ/ବନ୍ତଳା, ୨୫।୧୨ (ଡି.ଏନ୍.ଏ.)**

ଅନୁଗୋଳ ଜିଲା ବଅାଁରପାଳ ଥାନା ଫୁଲପଡା ଛକ ଠାରେ ବୁଧବାର ଅପରାହ୍ନରେ ଘଟିଛି ଏକ ଦୁର୍ଘଟଣା। ବଡ଼ଦିନ ଉପଲକ୍ଷେ ଅନୁଗୋଳ ସ୍ଥିତ ବାସଭବନରୁ ତିନୋଟି ପରିବାର ସାତମାଇଲଠାରେ ଥିବା ନିଜ ଫାର୍ମହାଉସକୁ ଭୋଜି କରିବାକୁ ବାହାରିଥିଲେ। କିନ୍ତୁ ଫୁଲପଡା ଛକ ନିକଟସ୍ଥ ରାସ୍ତା କଡରେ କଟା ହେଉଥିବା ତାଳଗଛ ଗୋଟିଏ କାର ଉପରେ ଖସି ପଡ଼ିଥିଲା। ଫଳରେ ଉକ୍ତ କାର (ନଂ. ଓଆର୍୧୯ଏମ୍-୬୩୦୦) ଭିତରେ ବସିଥିବା ୬ ଜଣଙ୍କ ମଧ୍ୟରୁ ତିନି ଜଣ ଚାଳକ ପିଣ୍ଟୁ ପ୍ରଧାନ, ଜୁଲି ପ୍ରଧାନ ଓ ମାମା ପ୍ରଧାନ ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ। କୌଣସି ସତର୍କ ସୂଚନା ନ ଦେଇ ବିପଦପୂର୍ଣ୍ଣ ଭାବେ ଏଭଳି ଗଛ କଟାଯାଉଥିବା ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ୱାର୍କର୍ସ କ୍ଲବର ବାର୍ଷିକ ଅଧିବେଶନ




ମଞ୍ଚାସୀନ ଅତିଥିଙ୍କ ସହ ଅନ୍ୟମାନେ।

**ତାଲଚେର,୨୫।୧୨(ନି.ପ୍ର.)**

ତାଲଚେର ୱାର୍କର୍ସ କ୍ଲବର ୩ୟ ବାର୍ଷିକ ଅଧିବେଶନ ସ୍ଥାନୀୟ ଦେଉଳବେଡାସ୍ଥିତ ମଙ୍ଗଳମ୍ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ଡ. ଅଶୋକ କୁମାର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ପୂର୍ବତନ ପ୍ରକଳ୍ପ ନିର୍ଦ୍ଦେଶକ ଡ. ଧରଣୀଧର ନାଥ ଯୋଗଦେଇ କ୍ଲବର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହୃଦ୍‌ରୋଗ ବିଶେଷଜ୍ଞ ଡ. କୈଳାସ ଚନ୍ଦ୍ର ବିଶ୍ୱାଳ, ଇଂ ରମେଶ ଚନ୍ଦ୍ର ବେହେରା ଉପସ୍ଥିତ ଥିଲେ। ଆଇନଜୀବୀ ହରେକୃଷ୍ଣ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ଅଶୋକ କୁମାର ସାମନ୍ତ ବିବରଣୀ ପାଠ କରିଥିଲେ। ସୁମନ୍ତ ପ୍ରଧାନ, ପ୍ରତାପରୁଦ୍ର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଡ. ନିମାଇଁ ଚରଣ ପ୍ରଧାନ ଧନ୍ୟବାଦ ଦେଇଥିଲେ। କ୍ଲବର ସଦସ୍ୟ ତଥା ଡ. ସୁଜାତା ସାହୁ, ଇଂ ରାଜକିଶୋର ନାଏକ, କନ୍ଦର୍ପ ପ୍ରଧାନ, ପ୍ରହଲ୍ଲାଦ ପରିଡା, ପବିତ୍ର ସାମଲ, ମନୋରଞ୍ଜନ ପ୍ରଧାନ, ଗିରିଶ ଚନ୍ଦ୍ର ସାମଲ, ଡ. ଜଗବନ୍ଧୁ ଜେନା, ଆଇନ୍‌ଜୀବୀ ସନ୍ତୋଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

ବଅାଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଜବ ବ୍ୟବସ୍ଥା

## ଚିକିତ୍ସା ଗୃହରେ ହେଉଛି ସଭା ସମିତି



ବଅାଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ତଃ ବିଭାଗୀୟ ଗୃହ।

**ବଅାଁରପାଳ, ୨୫।୧୨ (ଡି.ଏନ୍.ଏ.)**

ଅନୁଗୋଳ ଜିଲା ବଅାଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନାନା ଅବ୍ୟବସ୍ଥା ମଧ୍ୟରେ ଚାଲିଛି ଚିକିତ୍ସା। ଡାକ୍ତରଖାନାର ପୁରୁଣା ଘରଗୁଡ଼ିକ ଶୋଚନୀୟ ଅବସ୍ଥାରେ ଥିବାରୁ କାର୍ଯ୍ୟାଳୟ ଗୃହରେ ବର୍ଷା ଦିନେ ପାଣି ଗଳୁଛି। ସେହିପରି ଆବଶ୍ୟକ ଡାକ୍ତର ଓ କର୍ମଚାରୀ ଏଠାରେ ନ ଥିବା ବେଳେ ଇନ୍‌ଡୋର ଚିକିତ୍ସା ଗୃହରେ ଏବେ ସଭାସମିତି କରାଯାଉଥିବା ଅଭିଯୋଗ ହେଉଛି।

୫୫ ନମ୍ବର ଜାତୀୟ ରାଜପଥଠାରୁ ଅଳ୍ପ ଦୂରରେ ରହିଛି ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ବ୍ଲକବାସୀଙ୍କ ସହ ରାଜପଥରେ ଅନେକ ସମୟରେ ଘଟୁଥିବା ଦୁର୍ଘଟଣାର ଆହତମାନଙ୍କୁ ଏଠାରେ ଭର୍ତ୍ତି କରାଯାଇଥାଏ। ୬ ଶଯ୍ୟା ବିଶିଷ୍ଟ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ବହିଃବିଭାଗ ଓ ଅନ୍ତଃବିଭାଗ ବ୍ୟବସ୍ଥା ରହିଛି। ତେବେ ଯେଉଁ କୋଠରିରେ ଅନ୍ତଃଚିକିତ୍ସା ବ୍ୟବସ୍ଥା ରହିଛି ଏବେ ସେଠାରେ କୌଣସି ଶଯ୍ୟା ନାହିଁ କି ଅନ୍ୟ କୌଣସି ଚିକିତ୍ସା ସୁବିଧା ମଧ୍ୟ ନାହିଁ। କୋଠରି ବାହାରେ ଅନ୍ତଃ ବିଭାଗୀୟ ଫଳକ ମରାଯାଇଥିଲେ ବି ସେଠାରେ ସଭା ସମିତି ଠାରୁ ଆରମ୍ଭ କରି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଚାଲୁଥିବା ଦେଖାଯାଉଛି। ଏ ସମ୍ପର୍କରେ ଜଣେ ଡାକ୍ତର କହିଛନ୍ତି, ବର୍ତ୍ତମାନ ପୁରୁଣା ଘର ଗୁଡ଼ିକର ମରାମତି କାର୍ଯ୍ୟ ଚାଲିଛି। ଅନ୍ୟ ଏକ କୋଠରିରେ ରୋଗୀଙ୍କ ଚିକିତ୍ସା କରାଯାଉଛି। ମରାମତି କାର୍ଯ୍ୟ ପରେ ସେହି ଘରେ ପୁନଶ୍ଚ ଅନ୍ତଃ ବିଭାଗ ଖୋଲିବ। ସେହିପରି ଏଠାରେ ସ୍ୱତନ୍ତ୍ର ଭାବେ ସଭାଗୃହ ନ ଥିବାରୁ ବିଭିନ୍ନ ସମୟରେ ଏଠିସେଠି ସଭାସମିତିମାନ ହେଉଥିବାର ଦେଖିବାକୁ ମିଳୁଛି।

■ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପିତ

# ୨ଶହ ପ୍ରତିଯୋଗୀ ପାଇଲେ ପୁରସ୍କାର

**ତାଲଚେର,୨୫।୧୨(ନି.ପ୍ର.)**



ହିଙ୍ଗୁଳା କ୍ଲବର ସୁବର୍ଣ୍ଣଜୟନ୍ତୀ ଅବସରରେ ଅତିଥିମାନେ।

ତାଲଚେରର ପୁରାତନ ଅନୁଷ୍ଠାନ ହିଙ୍ଗୁଳା କ୍ଲବର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡିସେମ୍ବର ୧ରୁ ୨୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କ୍ରୀଡା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ତାଲଚେର ଷ୍ଟାଡିୟମ୍ ଏବଂ ବଡ଼ଦାଣ୍ଡ ସାହି ଠାରେ ଦୀର୍ଘ ୨୨ ଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମକୁ ହଜାର ହଜାର ସଂଖ୍ୟାରେ ଦର୍ଶକ ଉପଭୋଗ କରିଥିଲେ। ପଚାଶରୁ ଊର୍ଦ୍ଧ୍ୱ ବିଭାଗରେ ପ୍ରାୟ ଦୁଇ ହଜାର ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ଦୁଇଶହ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କବାଡିରେ ସିପୁର ଦଳ ଚାମ୍ପିୟନ ହୋଇଥିବା ବେଳେ ବ୍ୟାଡମିଣ୍ଟନ ସିନିୟରରେ ଶ୍ରୀଶ୍ରେଷ୍ଠ ପାଣି ଓ ପ୍ରୀତିଶ କୁଅାଁର, ଜୁନିୟରରେ ଉମେଶ ମହାପାତ୍ର ଓ ବଳରାମ ମହାପାତ୍ର ଚାମ୍ପିୟନ ହୋଇଥିଲେ। ସଙ୍ଗୀତରେ ସୋନାଲି ବେହେରା, ଦେବସ୍ମିତା ଦାସ ଶ୍ରେଷ୍ଠ ନାଟ୍ୟକାର, ଫେଶନ୍ ଶୋ'ରେ ଶରଣ୍ୟା ନାୟକ ପୁରସ୍କୃତ ହୋଇଥିଲେ। ଉଦ୍‌ଯାପନ ସମାରୋହରେ ଭାଜପା ନେତା ରବିନାରାୟଣ ପାଣି ସଭାପତିତ୍ୱ କରିଥିଲେ। କ୍ଲବ ସାଧାରଣ ସମ୍ପାଦକ ଦିଲୀପ କୁମାର ସାହୁ ବିବରଣୀ ପାଠ କରିଥିବାବେଳେ ସାଂସ୍କୃତିକ ସମ୍ପାଦକ ପ୍ରକାଶ ମହାରଣା ମଞ୍ଚ ପରିଚାଳନା କରିଥିଲେ। ପୁରାତନ ସଭ୍ୟ ଗଣେଶ୍ୱର ରାୟ, ଯୁଗଳ କିଶୋର ରାୟ, ଧନେଶ୍ୱର ତୁଙ୍ଗ, ଭାସ୍କର କୁଅାଁର, ଆଲୋକ ମହାନ୍ତି ଓ ଯୁଧିଷ୍ଠିର ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ପ୍ରଫେସର ଅଶୋକ ଶର୍ମା, କୋଷାଧ୍ୟକ୍ଷ ଗୋବର୍ଦ୍ଧନ ବେହେରା, କ୍ରୀଡ଼ା ସମ୍ପାଦକ ଦୀପକ ରାଉତ ଓ ନିଶାକର କୁଅାଁର ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଅମୃତ ଅନୁଷ୍ଠାନ ରେମୁଅାଁ, ଭୂପେନ କୁମାର ମିତ୍ର, ଅଜିତ୍ ରାଏ ଓ ପ୍ରକାଶ ମହାରଣା ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। କାର୍ତ୍ତିକେଶ୍ୱର ପୂଜାର ପୁରସ୍କାର ବିତରଣ ମଧ୍ୟ କରାଯାଇଥିଲା। ସଭ୍ୟ ସଞ୍ଜୀବ କୁମାର ପଟ୍ଟନାୟକ, ଜ୍ଞାନୀ ତୁଙ୍ଗ, ଦେବାନନ୍ଦ ମଲ୍ଲ, ଅଜୟ ଦାସ, ସିଦ୍ଧେଶ୍ୱର କୁଅାଁର ପ୍ରମୁଖ ସହଯୋଗ କରିଥିଲେ। ଯୁଗ୍ମ ସମ୍ପାଦକ ଅଜିତ୍ ରାଏ ଧନ୍ୟବାଦ ଅର୍ପଣ କରିଥିଲେ।

